# ଦୟାର ସାଗର ଶିରିଡ଼ି ସାଇ

ଶିରିଡ଼ିସାଇ ଦ୍ୱାରକାମାୟୀ
ତୁମେତ ଦୟାର ସାଗର
ତୁମେ ବୁଦ୍ଧିଦାତା ତୁମେ ସିଦ୍ଧିଦାତା
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ।୧।
ଧୈର୍ଯ୍ୟର ପ୍ରତୀକ ଶ୍ରଦ୍ଧାର ସ୍ୱରୂପ
ଆହେ ବାବା ସାଇରାମ
ଭକ୍ତିଦିଅ ମୋତେ ଶକ୍ତି ଦିଅ ମୋତେ
କରିବାକୁ ଭଲ କାମ ।୨।
ତୁମ ନାମ ଧରି ପଙ୍ଗୁ ଲଙ୍ଘେ ଗିରି
ମୂକ ବି କହଇ କଥା
ହେ ଜଗତସ୍ୱାମୀ ପ୍ରଭୁ ଅନ୍ତର୍ଯ୍ୟାମୀ
ହର ମୋ ମନର ବ୍ୟଥା ।୩।
ଫେରେ ନାହିଁ କେହି ତୁମରି ଦୁଆରୁ
ଖାଲି ହାତେ ଜଣେ କେହି
ଶୂନ୍ୟ ହସ୍ତକୁ ତ ପୂର୍ଣ୍ଣକର ତୁମେ
ଜଗତ କରତା ସାଇ ।୪।
ମାଗୁ ନାହିଁ ମୁହିଁ ଧନ ଦଉଲତ
ମାଗୁଅଛି ଟିକେ ଶାନ୍ତି
ତୁମ ପଦ ସେବି ତୁମ କଥା ଭାବି
ମିଳୁ ଏ ସଂସାରୁ ମୁକ୍ତି ।୫।
ଘେନ ମୋ ପ୍ରଣତି କରୁଛି ମିନତି
ଆଶୀଷ ଦିଅ ହେ-ଢାଳି
ମଥା ଛୁଇଁ ମୋର କଥା ଦିଅ ପ୍ରଭୁ
ଏତିକି ମୋହର ଅଳି ।୬।

**ସୁଶାନ୍ତ କୁମାର ସେନାପତି**
**ଏମ୍‌ଆଇଜି (୧), ୨୦/୪**
**ହାଉସିଂବୋର୍ଡ କଲୋନୀ**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**